ଦୁବାଇରେ ଅଟକ ୧୨ ଶ୍ରମିକ ଓଡ଼ିଶା ଫେରିଲେ

ଭୁବନେଶ୍ୱର, ୨୭/୮(ଇମିସ) : ଦୁବାଇରେ ଅଟକିଯିବା ୧୮ ଜଣ ଓଡ଼ିଆ ଶ୍ରମିକ ଓଡ଼ିଶା ଫେରିଛନ୍ତି। ଏହି ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ଲାଗି ବିଭାଗୀୟ କମିଶ୍ନର ନୀତା ଦାସ ଓଡ଼ିଆ ରାଷ୍ଟ୍ରୀୟ ପ୍ରବାସୀ ରୋଜିଗାରସ୍ତ ପଞ୍ଜୀକୃତ ମାସ ୧୨ ତାରିଖରେ ଦୁବାଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବା ଲାଗି ଏକ ଚିଠି ଲେଖି ନିବେଦନ କରିଥିଲେ। ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଚିଠି ପାଇବା ପରେ ତୁରନ୍ତ ହସ୍ତକ୍ଷେପ କରି ଶ୍ରମିକମାନଙ୍କୁ ଭାରତ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରିଥିଲେ। ଗତ ମାସ ୨୨ ତାରିଖରେ ୬ ଜଣ ଶ୍ରମିକ ଓଡ଼ିଶା ଫେରିଥିବାବେଳେ ଆଜି ଅନ୍ୟ ୧୨ ଜଣ ସୋମାଳଙ୍କୁ ଘୁମାରେ ପଠାଇଛନ୍ତି। ସୃଜନାଯାଗ୍ୟ, ଜଗତାଳ ଜିଲ୍ଲାର ୧୮ ଜଣ ଶ୍ରମିକ ଜାଜପୁର ଜେଲା ନାମକ ଜଣେ ଏଜେଣ୍ଟଙ୍କ କରିଆରେ ୨୦୧୮ ନଭେମ୍ବର ୪ ତାରିଖରେ ଦୁବାଇ ଯାଇଥିଲେ। ମାସିକ ୩୫ ହଜାର ଟଙ୍କା ଦରମା ପାଇବା ଲାଗି ସୋମାଳଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିପାଇଁ ସୋମାଳେ ଜଣେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଜାଲିଜାଲୁ ନେଇଥିଲେ। ସେଠାରେ ୯ ମାସ କାମ କରିବା ପରେ ମଧ୍ୟ ସୋମାଳଙ୍କୁ ମାସକର ଦରମା ଦିଆଯାଇନଥିଲା। ପ୍ରତିବାଦ କରିବାରୁ ଜଣାଜଣା ସୋମାଳଙ୍କୁ ଜାଲିରିବୁ ବାହାର କରିଦେବା ସହ ନିର୍ଯାତନା ଦେଉଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଉଦ୍ଧାର ପାଇଥିବା ସମସ୍ତ ଶ୍ରମିକ ଓ ସୋମାଳଙ୍କ ପରିବାର ଲୋକେ ଶ୍ରୀ ପଟ୍ଟନାୟକ କୃତଜ୍ଞତା ଜଣାଇଛନ୍ତି।

ହୀରାକୁଦ ଓ ସମତା ଏକ୍ସପ୍ରେସ ଦୁଇଦିନ ପାଇଁ ବାତିଲ୍

ଭୁବନେଶ୍ୱର, ୨୭/୮(ଇମିସ): ଉତ୍ତର ରେଳପଥର ବୁଗଲକାବାଦ ଓ ପଲପୁର ରେଳ ସେକ୍ସନ ମଧ୍ୟ କଲୁଭାଡ଼ ଷ୍ଟେସନ୍‌ଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା କେତେକ ଟ୍ରେନକୁ ବାତିଲ ଓ ମାର୍ଗ ପରିବର୍ତ୍ତନ କରାଯିବା ବାତିଲ ହେଉଥିବା ଟ୍ରେନଗୁଡ଼ିକ ହେଲା, ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ(୧୮୫୦୭/୧୮୫୦୮) ବିଶାଖାପାଟଣାରୁ ସେପ୍ଟେମ୍ବର ୫ ଓ ୬, ଅମୃତସରଠାରୁ ସେପ୍ଟେମ୍ବର ୮ ଓ ୧୧ ତାରିଖ ଦିନ ବାତିଲ ରହିବା ବିଶାଖାପାଟଣା-ହଜରତ ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ(୧୨୮୦୭/୧୨୮୦୮) ବିଶାଖାପାଟଣାରୁ ସେପ୍ଟେମ୍ବର ୪ ଓ ୫ ଏବଂ ହଜରତ ନିଜାମୁଦ୍ଦିନଠାରୁ ସେପ୍ଟେମ୍ବର ୬ ଓ ୭ ପାଇଁ ବାତିଲ କରାଯାଇଛି। ସମ୍ବଲପୁର-ରାଉରକେଲା-ସମ୍ବଲପୁର ସ୍ପେଶ୍ୟାଲ ଟ୍ରେନ(୦୭୪୦୯/୦୨୪୧୦) ସମ୍ବଲପୁରରୁ ସେପ୍ଟେମ୍ବର ୬ ଓ ରାଉରକେଲାରୁ ସେପ୍ଟେମ୍ବର ୮ ତାରିଖ ଦିନ ବାତିଲ ରହିବ। ଦିଶାଖାପାଟଣା-ନୂଆଦିଲ୍ଲୀ-ଦିଶାଖାପାଟଣା ଏସି ଏକ୍ସପ୍ରେସ(୨୨୪୧୫/୨୨୪୧୬) ଦିଶାଖାପାଟଣାରୁ ସେପ୍ଟେମ୍ବର ୬ ଓ ନୂଆଦିଲ୍ଲୀଠାରୁ ସେପ୍ଟେମ୍ବର ୮ ତାରିଖ ଦିନ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୁରୀ-ହଦିଦ୍ୱାର-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ(୧୮୪୭୨/୧୮୪୭୮) ପୁରୀଠାରୁ ସେପ୍ଟେମ୍ବର ୨ ତାରିଖରୁ ଛାଡ଼ି ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ହଦିଦ୍ୱାରଠାରୁ ସେପ୍ଟେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ଉଭୟ ଦିଗରୁ ପରିବର୍ତ୍ତିତ (ଭାୟା ଆଗ୍ରା ଜଂଶନ-ମିରାଟ୍‌ସିଟି-ଖୁର୍ଜା-ମିରଟ ସିଟି-ବାପ୍ତି ଷ୍ଟେସନ) ମାର୍ଗରେ ଚଳାଚଳ କରିବ। ଏହି ଦିନଗୁଡ଼ିକରେ ମଥୁରା ଓ ନିଜାମୁଦ୍ଦିନ ଷ୍ଟେସନ୍ ମାର୍ଗ ଦେଇ ଚଳାଚଳ କରିବ ନାହିଁ।

ଭାରତ ରେଳପଥ ପରିସୀମା ମଧ୍ୟରେ ଆଧୁନିକୀକରଣ କାର୍ଯ୍ୟ

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି

ରେଳବେ ବିଜ୍ଞପ୍ତି ନଂ.ଟି-VEHICLE-KUR-74-2019

ଭାରତୀୟ ରେଳ୍ ଜାତୀୟ କର୍ମଚାରୀମାନ : (I) 03 ବର୍ଷ ସମୟପାଇଁ ନିମନ୍ତେ ସିଡ଼ିଲର ଡିଜିଲେନର ମୋଟରଚାଳକ ଜାତିଯିବାର/ବୋଝାଣି ଗାଡ଼ିମାନଙ୍କ ଚାଳକମାନ ନିମନ୍ତେ କାର୍ଯ୍ୟ ସମ୍ପାଦନ ପାଇଁ ଚାଳକ ଓ କର୍ମଚାରୀମାନ ସମ୍ବନ୍ଧୀ କର୍ଣ୍ଣାଟକ ରାଜ୍ୟ ଅବସ୍ଥିତ ଶ୍ରୀ ରାଜ୍ୟ ଶ୍ରୀ ଦେବରାଜ ଅର୍ସ ଶିଳ୍ପ ବିକାଶ ନିଗମ ଲିମିଟେଡ୍‌ର ଅଧୀନସ୍ଥ